**03 July 2006**

**4004 Incorporated India to become multinational procurement major**

Publication: Krantidhara, Edition: Bhubaneswar, Journalist: Bureau, Page No: 7, Columns: 3, Height(cms): 7

# ବହୁରାଷ୍ଟ୍ରୀୟ କମ୍ପାନୀ ହେବ ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ

ନୂଆଦିଲ୍ଲୀ,୩/୦୭: ଗ୍ଲୋବାଲ ପ୍ରାକ୍ୟୋର୍‌ମେଣ୍ଟ କମ୍ପାନୀ ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ ପକ୍ଷରୁ ବ୍ୟାପକ ସଂପ୍ରସାରଣ ଯୋଜନା ଚୂଡ଼ାନ୍ତ କରାଯାଇଛି । ଆମେରିକାର ଅଗ୍ରଣୀ ରିଟେଲ ଚେନ୍ 'ଷ୍ଟିଭ୍ ଆଣ୍ଡ ବେରୀସ୍ ୟୁନିଭର୍ସିଟି ୱିୟର' ସହ ସହବନ୍ଧନ କରିଥିବା ଏହି କମ୍ପାନୀ ବିଶ୍ୱର ୨୫ଟି ଦେଶରୁ ସାମଗ୍ରୀ ସଂଗ୍ରହ କରିଥାଏ । ୨୦୦୧ରେ ଆରମ୍ଭ ହୋଇଥିବା ଏହି କମ୍ପାନୀ ୨୦୦୬ ଡିସେମ୍ବର ସୁଦ୍ଧା ନିଜର ବ୍ୟବସାୟ ଭିତ୍ତିରେ ୩୦% ବୃଦ୍ଧି ପାଇଁ ଯୋଜନା କରିଛି । ୪୦୦୪ ଇନ୍‌କର୍ପୋରେଟେଡ୍ ବିଭିନ୍ନନନ ଧରଣର ପୋଷାକ, ଜୋତା, ବ୍ୟାଗ୍, ବେଲ୍ଟ ଆଦି ସଂଗ୍ରହ କରିଥାଏ । କମ୍ପାନୀ ଭାରତରୁ ବାର୍ଷିକ ପ୍ରାୟ ୨୦୨ ମିଲିୟନ ୟୁନିଟ୍ ସଂଗ୍ରହ କରୁଥିବାବେଳେ ଏହାର ଅର୍ଦ୍ଧେକ ଦକ୍ଷିଣ ଭାରତରୁ ଓ ଅବଶିଷ୍ଟ ଲୁଧିଆନା, ଦିଲ୍ଲୀ, ମୁମ୍ବାଇରୁ ସଂଗ୍ରହ କରିଥାଏ । ଗତବର୍ଷ କମ୍ପାନୀ ନିଜର କ୍ରୟ କ୍ଷମତାରେ ୨୫% ଅଭିବୃଦ୍ଧି ହାସଲ କରିଥିଲା । ଆସନ୍ତା ୨ ବର୍ଷରେ କମ୍ପାନୀ ନିଜର କ୍ରୟ ପୋର୍ଟଫୋଲିଓରେ ୮ଟି ନୂଆ ସାମଗ୍ରୀ ଯଥା ଲାଇଫ୍ ଷ୍ଟାଇଲ ଉତ୍ପାଦ, ଶୀତପରିଧାନ, ଇଲେକ୍‌ଟ୍ରୋନିକ ଉତ୍ପାଦ, କସ୍‌ମେଟିକ୍ସ, ସାଜସଜା ଉତ୍ପାଦ, ଘଣ୍ଟା, ସନ୍‌ଗ୍ଲାସ, ମହିଳା ଅନ୍ତଃବସ୍ତ୍ର ଯୋଗ କରିବ । '୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ'ର ବର୍ତ୍ତମାନ ପାକିସ୍ତାନ, ଚୀନ, ଜୋର୍ଡାନରେ ଅନ୍ତର୍ଜାତୀୟ କାର୍ଯ୍ୟାଳୟ ଥିବାବେଳେ ଚଳିତ ବର୍ଷ ଶେଷସୁଦ୍ଧା ଆଉ ୮ଟି କାର୍ଯ୍ୟାଳୟ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଉଛି । ଏ ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଭି ସୋନ୍‌ପାଲ କହିଛନ୍ତି, "ଆମେ ଧୀରେ ଧୀରେ ବ୍ୟବସାୟ ଆରମ୍ଭ କରିଥିଲେ ମଧ୍ୟ ଉଚ୍ଚଗୁଣମାନର ବିକ୍ରେତା, କୁଶଳୀ କର୍ମଚାରୀ ଚୟନ କ୍ଷେତ୍ରରେ ଉତ୍ତମ ପଦକ୍ଷେପ ଯୋଗୁଁ ବିଶ୍ୱ ପ୍ରକ୍ୟୋର୍‌ମେଣ୍ଟ ବଜାରରେ ଏକ ପ୍ରମୁଖ ଅଧିକାର କରିପାରିଛୁ । ଆଗାମୀ ୨ ବର୍ଷରେ ନିଜର କର୍ମଚାରୀ ସଂଖ୍ୟା ୬୦୦ରୁ ଅଧିକ କରି ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହେବା ପାଇଁ ଲକ୍ଷ୍ୟ ରଖିଛୁ ।"